## ସଂକ୍ଷେପରେ

### ହାର୍ଦ୍ଦିକ ପଟେଲ ଗୁଜରାଟ କଂଗ୍ରେସ କାର୍ଯ୍ୟକାରୀ ଅଧ୍ୟକ୍ଷ



**ନୂଆଦିଲ୍ଲୀ,୧୧।୭(ଆଇଏଏନ୍ଏସ୍):** ଗୁଜରାଟରେ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ ଯୁବନେତା ହାର୍ଦ୍ଦିକ ପଟେଲଙ୍କୁ ପ୍ରଦେଶ କଂଗ୍ରେସର କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଶନିବାର ଏହି ନିଯୁକ୍ତି ଦେଇଥିବା ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ସୂଚନା ଦେଇଛନ୍ତି। ୨୦୧୫ରେ ଗୁଜରାଟରେ ପଟିଦାର ଆନ୍ଦୋଳନର ନେତୃତ୍ୱ ନେଇ ଚର୍ଚ୍ଚାକୁ ଆସିଥିବା ହାର୍ଦ୍ଦିକ ପଟେଲ ୨୦୧୭ରେ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସରେ ଯୋଗଦେଇଥିଲେ।

### ଯୁବକଙ୍କୁ ହତ୍ୟା ମାମଲା ପୋଲିସ ଏସ୍ଆଇଙ୍କ ଗିରଫ ଦାବି

**ପୁରୀ ଅଫିସ,୧୧।୭:** ବଳିଆପଣ୍ଡା ଥାନା ଅନ୍ତର୍ଗତ ଭାର୍ଗବୀ ମୁହାଣ ନିକଟରୁ ଗତ ୫ତାରିଖ ସକାଳେ କେନ୍ଦ୍ରାପଡ଼ାର ଦେବାଶିଷ ସେଠୀ(୩୨)ଙ୍କ ମୃତଦେହ ମିଳିଥିଲା। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ତେବେ ଜଣେ ମହିଳା ପୋଲିସ ସବ୍ ଇନ୍ସପେକ୍ଟର ଅନ୍ୟ ଦୁଇଜଣଙ୍କ ସହ ମିଶି ଏହି ହତ୍ୟାକାଣ୍ଡ ଘଟାଇଥିବା ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଯୁବ ପରିଷଦ ସଭାପତି ହଳଧର ସେଠୀ ଅଭିଯୋଗ କରିବା ସହ ସେମାନଙ୍କୁ ଗିରଫ ଦାବି କରିଛନ୍ତି। ଶନିବାର ସେ ହତ୍ୟାକାଣ୍ଡସ୍ଥଳ ପରିଦର୍ଶନ କରିବା ସହ ବଳିଆପଣ୍ଡା ଥାନା ଅଧିକାରୀ ଏବଂ ଅତିରିକ୍ତ ଏସ୍ପିଙ୍କୁ ଭେଟି ଆଲୋଚନା କରିଛନ୍ତି। ଏଥିସହ ଏହି ମର୍ମରେ ସେ ପୁରୀ ଏସ୍ପିଙ୍କୁ ମଧ୍ୟ ନିର୍ଦ୍ଦିଷ୍ଟ ତଥ୍ୟ ପ୍ରଦାନ କରିଥିବା ସୂଚନା ଦେଇଛନ୍ତି। ଇତିମଧ୍ୟରେ ରାଷ୍ଟ୍ରୀୟ ଅନୁସୂଚିତ ଜାତି ଆୟୋଗ ମଧ୍ୟ ଏହାର ଅନୁସନ୍ଧାନ ପାଇଁ ଗ୍ରହଣ କରି ୭ ଦିନ ମଧ୍ୟରେ ପୋଲିସଠାରୁ ରିପୋର୍ଟ ମାଗିଛନ୍ତି। ଅଭିଯୁକ୍ତମାନଙ୍କୁ ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରାକରଣ ଆଇନ ବଳରେ ଦଣ୍ଡିତ କରିବା ପାଇଁ ଦାବି ସହ ସମ୍ପୃକ୍ତା ଏସ୍ଆଇଙ୍କୁ ପୋଲିସ ଚାକିରିରୁ ବରଖାସ୍ତ କରିବା ପାଇଁ ଯୁବ ପରିଷଦ ଦାବି କରିଛି।

### ପୁରୀ ଜିଲ୍ଲାରେ ଦ୍ୱିତୀୟ କରୋନା ମୃତ୍ୟୁ

**ପୁରୀ ଅଫିସ,୧୧।୭:** ପୁରୀ ଜିଲ୍ଲାରେ ଦ୍ୱିତୀୟ କରୋନା ରୋଗୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜଣେ ୭୦ବର୍ଷୀୟ ବୃଦ୍ଧା। ଭୁବନେଶ୍ୱରସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିଲା। ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସମ୍ପୃକ୍ତ ବୃଦ୍ଧଙ୍କ ମୃତ୍ୟୁ ସ୍ପଷ୍ଟ କରାଯାଇଛି। ସେହିପରି ଶନିବାର ଜିଲ୍ଲାରୁ ପୁଣି ୧୫ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ୧୬ଜଣ ଆରୋଗ୍ୟ ଲାଭ କରିଛନ୍ତି। ଏବେ ସୁଦ୍ଧା ଜିଲ୍ଲାର ମୋଟ ପଜିଟିଭ ସଂଖ୍ୟା ୩୫୩ ପହଞ୍ଚିଛି। ଗତ କିଛିଦିନ ହେଲା ଜିଲ୍ଲାରେ ପଜିଟିଭଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିବାରେ ଲାଗିଛି, ଯାହାକୁ ନେଇ ଜିଲ୍ଲା ପ୍ରଶାସନ ସହ ଜିଲ୍ଲାବାସୀ ବି ଚିନ୍ତିତ ହୋଇପଡ଼ିଛନ୍ତି।

# କୋଚିଂ ବନ୍ଦ, ବେରୋଜଗାର ଯୁବପିଢ଼ି

## କଟକ ସହରରେ ୨ଶହରୁ ଅଧିକ କୋଚିଂ ସେଣ୍ଟର ପ୍ରଭାବିତ

କଟକ ଅଫିସ,୧୧।୭




କରୋନା ଯୋଗୁ ଶିକ୍ଷାକ୍ଷେତ୍ର ଭୀଷଣ ପ୍ରଭାବିତ ହୋଇଛି। ଶିକ୍ଷାନୁଷ୍ଠାନ ବନ୍ଦ ଥିବା ବେଳେ ପୂର୍ବ ବର୍ଷର ପରୀକ୍ଷା ହୋଇପାରି ନାହିଁ କିମ୍ବା ନୂତନ ଶିକ୍ଷାବର୍ଷର ପାଠପଢ଼ା ଆରମ୍ଭ ହେବା ନେଇ ଏବେ ବି ଦ୍ୱନ୍ଦ୍ୱ ଲାଗି ରହିଛି। ଏଭଳି ସ୍ଥିତିରେ ବେଶୀ କ୍ଷତିଗ୍ରସ୍ତ ହୋଇଛି ଘରୋଇ କୋଚିଂ ସେଣ୍ଟର। ଏଠାରେ ପାଠ ପଢ଼ାଇ ସ୍ୱାବଲମ୍ବୀ ହୋଇଥିବା ଯୁବପିଢ଼ି ଏବେ ବେରୋଜଗାର।

କଟକ ସହରରେ ୨ଶହରୁ ଊର୍ଦ୍ଧ୍ୱ ଘରୋଇ କୋଚିଂ ସେଣ୍ଟର ରହିଛି। ଏଠାରେ କାର୍ଯ୍ୟ କରୁଥିବା ଶିକ୍ଷକ ଓ କର୍ମଚାରୀ ଏବେ କରୋନା ପାଇଁ ରୋଜଗାର ହରାଇ ବସିଛନ୍ତି। ଦୀର୍ଘ ୫ ମାସ ହେବ ସେଣ୍ଟର ବନ୍ଦ ରହିଛି। ଶିକ୍ଷକ, କର୍ମଚାରୀଙ୍କ ବ୍ୟତୀତ କୋଚିଂ ସେଣ୍ଟର ମାଲିକଙ୍କ ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡ଼ିଲାଣି। କାର୍ଯ୍ୟରତ କର୍ମଚାରୀ ଓ ଶିକ୍ଷକଙ୍କ ଦରମା ଦେବା ପାଇଁ ସେମାନଙ୍କୁ ଭୀଷଣ ସମସ୍ୟା ହେଉଛି। କେତେକ ସେଣ୍ଟର ମାଲିକ ଅଧା ଦରମା ଦେଉଥିବା ବେଳେ ଅନ୍ୟ କେତେଜଣ ସମ୍ପୂର୍ଣ୍ଣ ଦରମା ଦେବାକୁ ମନା କରୁଛନ୍ତି। ସାଧାରଣତଃ ଉଚ୍ଚଶିକ୍ଷିତ ଯୁବପିଢ଼ି କୌଣସି ସରକାରୀ ଚାକିରି ନ ପାଇ ଘରୋଇ କୋଚିଂ ସେଣ୍ଟରରେ ଶିକ୍ଷାଦାନ କରିଥାନ୍ତି। ବିଷୟଭିତ୍ତିକ କ୍ଲାସ ଅନୁସାରେ ସେମାନେ ଦରମା ପାଇଥାନ୍ତି। ହେଲେ କରୋନା ଯୋଗୁ କ୍ଲାସ ବନ୍ଦ ରହିଛି। ମାଲିକମାନେ ବି ଘରଭଡ଼ା ଦେବା ପାଇଁ ନିଜକୁ ଅସମର୍ଥ ମଣିଲେଣି। ସେଣ୍ଟର ଖୋଲିବା ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ପିଲାଙ୍କ ସ୍ୱାସ୍ଥ୍ୟଗତ ନିରାପତ୍ତା ଦୃଷ୍ଟିରୁ ସରକାର ଏଯାଏ କିଛି ପଦକ୍ଷେପ ନେଇନାହାନ୍ତି।

### ନିର୍ଦ୍ଦିଷ୍ଟ ନିୟମାବଳୀ ସହ କୋଚିଂ ଖୋଲାଯାଉ



ରାଜ୍ୟ ସରକାର କୋଚିଂ ସେଣ୍ଟରଗୁଡ଼ିକର ପୁନଃ ପରିଚାଳନା ବ୍ୟବସ୍ଥା କରନ୍ତୁ। ଏଥିପାଇଁ କିଛି ନିର୍ଦ୍ଦିଷ୍ଟ ନିୟମାବଳୀ ଲାଗୁ କରିବା ସହ କ୍ଲାସ କରିବା ପାଇଁ ଅନୁମତି ଦିଅନ୍ତୁ। ନ ହେଲେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଉପରେ କୁପ୍ରଭାବ ପଡ଼ିବା ସହ ଶିକ୍ଷକଙ୍କ ଜୀବିକା ବ୍ୟାହତ ହେବ।

**– ପ୍ରଭାତ ତ୍ରିପାଠୀ, ସମ୍ପାଦକ, ଓଡ଼ିଶା କୋଚିଂ ଆଣ୍ଡ ଟ୍ରେନିଂ ଏକାଡେମୀ ଆଶୋସିଏଶନ**

### କୋଚିଂ ସେଣ୍ଟର ଅବସ୍ଥା ଶୋଚନୀୟ



କୋଚିଂ ସେଣ୍ଟର ଅବସ୍ଥା ଶୋଚନୀୟ ହୋଇପଡ଼ିଲାଣି। ଯେଉଁମାନେ ଶିକ୍ଷାଦାନ କରୁଥିଲେ, ସେମାନେ ସ୍ୱଳ୍ପ ଦରମାରେ ଥିଲେ। ଅନେକ ବି ପାଠପଢ଼ା ସହ ଘରୋଇ ଟ୍ୟୁଶନ କରି ଚଳୁଥିଲେ। ସେମାନେ ସମସ୍ତେ ରୋଜଗାର ହରାଇଛନ୍ତି। ସେଣ୍ଟର ଖୋଲିବାକୁ ସରକାର ଅନୁମତି ଦେଲେ ସେମାନେ ଉପକୃତ ହେବେ।

**– ଉତ୍କଳ ଦାସ, ଶିକ୍ଷାବିତ**

### ଅର୍ଥ ଅଭାବରୁ ଗାଁମୁହାଁ ଯୁବପିଢ଼ି



ସହରରେ ଚଳିବା ବହୁତ କଷ୍ଟ। ବିନା ରୋଜଗାରରେ ପରିବାରଠାରୁ ଟଙ୍କା ଆଣି ରହିବା ଓ ପଢ଼ିବା ଖର୍ଚ୍ଚ ତୁଲାଇବା ସମ୍ଭବ ନୁହେଁ। ତେଣୁ ପିଲାଙ୍କୁ କୋଚିଂ ସେଣ୍ଟରରେ ଶିକ୍ଷାଦାନ କରି କିଛି ରୋଜଗାର ହୁଏ। ହେଲେ ତାହା ବନ୍ଦ। କିଛି ଦିନ ସହରରେ ରହିବା ପରେ ଗାଁକୁ ଆସିବାକୁ ବାଧ ହେବାକୁ ପଡୁଛି।

**– ହୃଷୀକେଶ ଦାସ, ଟ୍ୟୁଟର**

# ବାରଙ୍ଗରେ ପ୍ରଥମ କରୋନା ମୃତ୍ୟୁ

## ୨୮ ବର୍ଷୀୟ ଆକ୍ରାନ୍ତ ଆଖି ବୁଜିଲେ
## ୩ ଦିନ ଦାଢ଼ାପାଟଣା ଶଟ୍‌ଡାଉନ୍

ବାରଙ୍ଗ,୧୧।୭(ଡି.ଏନ୍.ଏ.)

ବାରଙ୍ଗ ବ୍ଲକରେ ପ୍ରଥମେ ଜଣେ କରୋନା ଆକ୍ରାନ୍ତଙ୍କ ଶନିବାର ମୃତ୍ୟୁ ହୋଇଛି। ସେ ହେଲେ ଦାଢ଼ାପାଟଣା ପଞ୍ଚାୟତରେ ୫ନଂ. ୱାର୍ଡରେ ରହୁଥିବା ୨୮ବର୍ଷୀୟ ଯୁବକ। ଏ ନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସଂକ୍ରମଣକୁ ଦୃଷ୍ଟିରେ ରଖି ସରପଞ୍ଚ ସ୍ୱର୍ଣ୍ଣଲତା ବିଶ୍ୱାଳ ଗ୍ରାମକୁ ୩ଦିନ ଶଟ୍‌ଡାଉନ ଘୋଷଣା କରିବା ସହ ଗ୍ରାମର ପ୍ରବେଶ ପଥକୁ ବାଉଁଶ ବାଡ଼ ପକାଇ ବନ୍ଦ କରାଯାଇଛି। ଏହା ରବିବାର ମଧ୍ୟରାତ୍ର ୧୨ଟାରୁ ୧୫ତାରିଖ ମଧ୍ୟରାତ୍ର ୧୨ଟା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସରପଞ୍ଚ ନିର୍ଦ୍ଦେଶ ଦେଇଛନ୍ତି। ଚିହ୍ନଟ ଯୁବକ ଜଣକ ଟ୍ରକ ଚାଳକ ହୋଇଥିବାବେଳେ କାର୍ଯ୍ୟ ସାରି ରବିବାର ଘରକୁ ଫେରିଥିଲା। ସେଦିନ ରାତିରେ ତାଙ୍କୁ ଜ୍ୱର ହେବାରୁ ପରିବାର ଲୋକେ କ୍ୟାପିଟାଲ ହସ୍ପିଟାଲ ନେଇଥିବାବେଳେ ଡାକ୍ତର ପ୍ରାଥମିକ ଚିକିତ୍ସା କରି ଘରକୁ ଛାଡ଼ିଥିଲା। ବୁଧବାର ଯୁବକଙ୍କ ଦେହ ଅସୁସ୍ଥ ହେବା ସହ ଜ୍ୱର ନ କମିବାରୁ ଗ୍ରାମର କେତେଜଣ ଯୁବକ ଏକ ଅଟୋ ଯୋଗେ କିମ୍ସ ହସ୍ପିଟାଲ ନେଇଥିଲେ। ସେଠାରେ ତାଙ୍କର ସ୍ୱାବ ସଂଗ୍ରହ କରାଯାଇ ଚିକିତ୍ସା କରାଯାଇଥିଲା। ଶୁକ୍ରବାର ରାତି ସାଢେ ୯ଟା ସମୟରେ ବିଏମ୍‌ସି ପକ୍ଷରୁ ଯୁବକଙ୍କ ରିପୋର୍ଟ ପଜିଟିଭ ଚିହ୍ନଟ ହୋଇଥିବା ପରିବାରକୁ ଫୋନ କରି ଜଣାଇଦିଆଯାଇଥିଲା। କିନ୍ତୁ ଶନିବାର ସକାଳ ୬ଟା ୩୦ରେ ତାଙ୍କର କରୋନାରେ ମୃତ୍ୟୁ ହୋଇଥିବା ନେଇ ବିଡିଓ ପ୍ରଭାକର ପଣ୍ଡା କହିଛନ୍ତି। ଏହି ଯୁବକଙ୍କ ସଂସ୍ପର୍ଶରେ ଆସିଥିବା ୧୬ଜଣଙ୍କୁ ସଙ୍ଗରୋଧରେ ରହିବାକୁ ସରପଞ୍ଚ କହିଛନ୍ତି। ସେହିପରି ମେଣ୍ଢାଶାଳ ଗ୍ରାମରେ ଜଣେ ୫୫ବର୍ଷୀୟ ରାଜମିସ୍ତ୍ରି ଶୁକ୍ରବାର ପଜିଟିଭ ଚିହ୍ନଟ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ଶନିବାର ରାଜମିସ୍ତ୍ରିଙ୍କ ଘର, ସାହିକୁ ସାନିଟାଇଜ କରାଯାଇଥିବା ସରପଞ୍ଚ ମମତା ବେହେରା କହିଛନ୍ତି। ଚିହ୍ନଟ ବ୍ୟକ୍ତି ୫ଦିନ ତଳେ ଏକ ଅପରେଶନ ପାଇଁ ଏମ୍ସ ହସ୍ପିଟାଲ ଯାଇଥିଲେ। ସେଠାରେ ଚିକିତ୍ସିତ ହେଉଥିବା ୱାର୍ଡରେ ଅନ୍ୟ ଜଣେ ପଜିଟିଭ ବାହାରିଥିଲେ। ଏହାପରେ ହସ୍ପିଟାଲ କର୍ତ୍ତୃପକ୍ଷ ଉକ୍ତ ୱାର୍ଡକୁ ସିଲ କରିବା ସହ ସେଠାରେ ଥିବା ସମସ୍ତ ରୋଗୀଙ୍କ ସ୍ୱାବ ସଂଗ୍ରହ କରାଯାଇଥିଲା।

# ପରଲୋକରେ ଆଇନଜୀବୀ ଭବାନୀଶଙ୍କର

କଟକ ଅଫିସ,୧୧।୭



ବରିଷ୍ଠ ଆଇନଜୀବୀ ଭବାନୀ ଶଙ୍କର ମିଶ୍ରଙ୍କ ପିଠାପୁରସ୍ଥିତ ବାସଭବନରେ ଶନିବାର ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୮୧ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ମନୋରଞ୍ଜନ ମିଶ୍ର, ପୁତ୍ରବଧୂ ଅନୁରାଧା ମିଶ୍ର, ନାତୁଣୀ ଅମ୍ରିତା ମିଶ୍ର, ସାନଭାଇ ଦିଲ୍ଲୀପ ମିଶ୍ର ଉପସ୍ଥିତ ଥିଲେ। ଅପରାହ୍ନରେ ଖାନନଗର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଆପରାଧିକ ମାମଲା ପରିଚାଳନା କ୍ଷେତ୍ରରେ ଭବାନୀଶଙ୍କର ରାଜ୍ୟର ଜଣେ ଖ୍ୟାତନାମା ଆଇନଜୀବୀ ଥିଲେ। ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ୧୯୬୫ରେ ଏଲ୍ଏଲ୍‌ବି ଶିକ୍ଷା ପରେ ହାଇକୋର୍ଟରେ ଆପରାଧିକ ମାମଲା ପରିଚାଳନା ଅଭ୍ୟାସ ଆରମ୍ଭ ହୋଇଥିଲା। ଜଣାଶୁଣା ଆଇନଜୀବୀ ସ୍ୱର୍ଗତ ଭିକାରୀ ଚରଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସେ ଅଭ୍ୟାସ ଚଳାଇଥିଲେ। ସେ ଦୁଇ ଥର ଜେଏମ୍ଏଫ୍‌ସି ଭାବେ ଚୟନ ହୋଇଥିଲେ ସୁଦ୍ଧା ଚାକିରିରେ ଯୋଗ ନ ଦେଇ ଓକିଲାତିକୁ ପେସା କରିଥିଲେ। ଏପରିକି ଅତିରିକ୍ତ ଜଜ୍ ପଦବୀରେ ମଧ୍ୟ ନିଯୁକ୍ତ ହେବାକୁ ସେ ମନା କରି ଦେଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ କାର୍ଯ୍ୟକାଳ ସମୟରେ ଭବାନୀଶଙ୍କରଙ୍କୁ ଭିଜିଲାନ୍ସର ଅତିରିକ୍ତ ପିପି ଭାବେ ନିଯୁକ୍ତ ପାଇଁ ସୁଯୋଗ ଦିଆଯାଇଥିଲା। ଏହାକୁ ମଧ୍ୟ ସେ ଅଗ୍ରାହ୍ୟ କରିଥିଲେ। ୨୦୦୮ରୁ ୨୦୧୦ ପର୍ଯ୍ୟନ୍ତ କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନର ସଭାପତି ପଦବୀରେ ଅବସ୍ଥାପିତ ହୋଇଥିଲେ। ବର୍ତ୍ତମାନ ସେ କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନର ଅନ୍ତରୀଣ କମିଟିର ଅଧ୍ୟକ୍ଷ ଥିଲେ। ଓଡ଼ିଶା ରାଜ୍ୟ ବାର୍ କାଉନସିଲ ତାଙ୍କୁ ଏହି ପଦବୀ ପାଇଁ ଚୟନ କରିଥିଲା।



ଶନିବାର ଶଟ୍‌ଡାଉନ୍ ସହ ପ୍ରବଳ ଖରା ଯୋଗୁ ଭୁବନେଶ୍ୱର ରେଳ ଷ୍ଟେଶନରେ ଅଟକି ରହିଥିବା ଯାତ୍ରୀମାନେ ବିଶ୍ରାମ ନେଉଛନ୍ତି।

# ପୁରୀ: ତୃତୀୟ ପର୍ଯ୍ୟାୟ କୋଭିଡ୍ ଟେଷ୍ଟ ଆରମ୍ଭ

## ସୁପ୍ରିମ୍‌କୋର୍ଟଙ୍କୁ ଦିଆଯିବ ରଥଯାତ୍ରା ରିପୋର୍ଟ

- ପ୍ରଥମ ଦିନରେ ୫୯୭ ସେବକଙ୍କ ସ୍ୱାବ୍ ସଂଗ୍ରହ
- ପାଞ୍ଚଦିନ ଧରି ଚାଲିବ ପରୀକ୍ଷା

ପୁରୀ ଅଫିସ,୧୧।୭

କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ପାଳନ କରାଯିବ। କରୋନା ସଂକ୍ରମଣ ଯେପରି ନ ବ୍ୟାପିବ ସେଥିପ୍ରତି ମଧ୍ୟ ଗୁରୁତ୍ୱ ରହିବ। ଏମିତି କିଛି ସର୍ତ୍ତ ରଖି ପୁରୀ ଘୋଷଯାତ୍ରାକୁ ଅନୁମତି ଦେଇଥିଲେ ସୁପ୍ରିମ୍‌କୋର୍ଟ। ଇତିମଧ୍ୟରେ ଶେଷ ରଥଯାତ୍ରା ହୋଇଯାଇଛି। ନବଦିନାତ୍ମକ ଯାତ୍ରା ସାରି ମହାପ୍ରଭୁ ଏବେ ରତ୍ନସିଂହାସନରେ ବିଜେ କରିଛନ୍ତି। ତେଣୁ ଏବେ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ରିପୋର୍ଟ ଦେବେ ରାଜ୍ୟ ସରକାର। ଏହା ପୂର୍ବରୁ ରଥଯାତ୍ରାରେ ସାମିଲ ସେବାୟତ, ଶ୍ରୀମନ୍ଦିର ଓ ଜିଲ୍ଲା ପ୍ରଶାସନିକ କର୍ମଚାରୀ, ପରିମେଳ କର୍ମଚାରୀ ସମସ୍ତଙ୍କ କରୋନା ଟେଷ୍ଟ କରାଯିବ। ଘୋଷଯାତ୍ରା ଯୋଗୁ ସଂକ୍ରମଣ ବ୍ୟାପିଛି ନା ନାହିଁ ସେ ନେଇ ସ୍ପଷ୍ଟ ହେବା ପରେ ସୁପ୍ରିମ୍‌କୋର୍ଟଙ୍କୁ ରିପୋର୍ଟ ଦିଆଯିବ। ସେଥିପାଇଁ ୧୧ତାରିଖରୁ ପୁଣି ଆରମ୍ଭ ହୋଇଛି କୋଭିଡ୍ ଟେଷ୍ଟ। ଏହା ୫ଦିନ ଧରି ଅର୍ଥାତ୍ ୧୫ ତାରିଖ ପର୍ଯ୍ୟନ୍ତ ପରୀକ୍ଷା କରାଯିବ। ତେବେ ପ୍ରଥମ ଦିନରେ ୩ଟି ସ୍ଥାନରେ ୫୯୭ ସେବାୟତଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। ପର୍ଯ୍ୟାୟକ୍ରମେ ଅନ୍ୟମାନଙ୍କ ଏହି ପରୀକ୍ଷା ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ରଥଯାତ୍ରାରେ କାର୍ଯ୍ୟରତ ସେବାୟତ ଓ କର୍ମଚାରୀଙ୍କ କୋଭିଡ୍-୧୯ ସ୍ୱାବ୍ ଟେଷ୍ଟ ପାଇଁ ଉତ୍କଳ ହିନ୍ଦୀ ବିଦ୍ୟାପୀଠ, ମାର୍କଣ୍ଡେଶ୍ୱର ସାହି ବାଳିକା ଉଚ୍ଚ ବିଦ୍ୟାଳୟ ଓ ବାଗଡ଼ିଆ ଧର୍ମଶାଳାରେ ୩ଟି ଟେଷ୍ଟିଂ ସେଣ୍ଟର ଖୋଲାଯାଇଛି। ପ୍ରଥମ ଦିନରେ ସୁଆର ମହାସୁଆର, ପୁଷ୍ପାଳକ, ବିମାନବଡୁ, ଦଇତାପତି ଓ ବଡୁସୁଆର ନିଯୋଗର ୫୯୭ ସେବକଙ୍କ କୋଭିଡ୍ ପରୀକ୍ଷା ଲାଗି ସ୍ୱାବ ସଂଗ୍ରହ କରାଯାଇଥିବା ରାଜସ୍ୱ ଉପ ପ୍ରଶାସକ ସୁବ୍ରତ କୁମାର ବେହେରା କହିଛନ୍ତି।

# ମେଳ ଖାଉନି ବିଏମ୍‌ସି, ସ୍ୱାସ୍ଥ୍ୟ ବିଭାଗ ତଥ୍ୟ

## ଭୁବନେଶ୍ୱରରେ ଆକ୍ରାନ୍ତଙ୍କ ସଂଖ୍ୟା ୬୪୦ ଛୁଇଁଲା

ଭୁବନେଶ୍ୱର,୧୧।୭(ବ୍ୟୁରୋ)

ଭୁବନେଶ୍ୱର କରୋନା ଆକ୍ରାନ୍ତଙ୍କୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ସ୍ୱାସ୍ଥ୍ୟ ବିଭାଗର ଏ ସମ୍ପର୍କିତ ତଥ୍ୟ ମେଳ ଖାଉ ନ ଥିବାରୁ ଲୋକଙ୍କ ଚିନ୍ତା ବଢ଼ିଛି। ଶନିବାର ଭୁବନେଶ୍ୱରରୁ ୩୮ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବିଏମ୍‌ସି କହୁଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ନିଜ ତାଲିକାରେ ଖୋର୍ଦ୍ଧା ଜିଲ୍ଲାରୁ ୩୭ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ବୋଲି ଉଲ୍ଲେଖ ରହିଛି। ତେବେ ଭୁବନେଶ୍ୱରରୁ ଚିହ୍ନଟ ୩୮ ପଜିଟିଭ୍‌ଙ୍କ ମଧ୍ୟରୁ ୨୬ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୨ଜଣ ସ୍ଥାନୀୟ ଆକ୍ରାନ୍ତ ଥିବା ବିଏମ୍‌ସି ପକ୍ଷରୁ ପ୍ରକାଶ ପାଇଛି। ଏନେଇ ବିଏମ୍‌ସି କମିଶନର ପ୍ରେମ୍‌ଚନ୍ଦ୍ର ଚୌଧାରୀ ପ୍ରତିକ୍ରିୟା ରଖି କହିଛନ୍ତି, ଶୁକ୍ରବାର ଖୋର୍ଦ୍ଧା ଜିଲ୍ଲା ପ୍ରଶାସନକୁ ଜଣେ ଆକ୍ରାନ୍ତଙ୍କ ତଥ୍ୟ ଦେବାରେ ବିଳମ୍ବ ହୋଇଥିବା କାରଣରୁ ଏପରି ତ୍ରୁଟି ଦେଖାଦେଇଛି। ଏହାକୁ ସୁଧାରିବା ପାଇଁ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଛି। ଆଗାମୀ ଦିନରେ ବିଏମ୍‌ସି ଏନେଇ ସତର୍କତା ଅବଲମ୍ବନ କରିବ।

ଅନ୍ୟପକ୍ଷରେ ଶନିବାର ସକାଳ ୯ଟା ସୁଦ୍ଧା ଭୁବନେଶ୍ୱରରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ୬୪୦ରେ ପହଞ୍ଚିଛି। ଶନିବାର ଚିହ୍ନଟ ହୋଇଥିବା ୩୮ ଆକ୍ରାନ୍ତଙ୍କ ମଧ୍ୟରେ ବିଜେବି ନଗରରୁ ୩, ବେସରକାରୀ ହସ୍ପିଟାଲର ୩ ମହିଳା, ଚନ୍ଦ୍ରଶେଖରପୁରରୁ ୨ ଓ ବରମୁଣ୍ଡା, ଶାସ୍ତ୍ରୀନଗର, ଶୈଳଶ୍ରୀବିହାର, ଶିଖରଚଣ୍ଡୀ ବସ୍ତି, ମଞ୍ଚେଶ୍ୱର, କେଦାରଗୌରୀ ବିହାର, ସରକାରୀ ହସ୍ପିଟାଲରୁ ଜଣେ ଲେଖାଏ ରହିଛନ୍ତି। ଏମାନେ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଛନ୍ତି। ସ୍ଥାନୀୟ ଆକ୍ରାନ୍ତଙ୍କ ମଧ୍ୟରୁ କଳିଙ୍ଗ ବିହାରରୁ ୪, ନୂଆପଲ୍ଲୀରୁ ୨, ଚନ୍ଦ୍ରଶେଖରପୁରରୁ ୨, ଗଙ୍ଗାନଗରରୁ ୩, ନିଳାଦ୍ରୀ ବିହାରରୁ ୩ ଓ ପଳାଶୁଣୀ, ରସୁଲଗଡ଼, ଆଚାର୍ଯ୍ୟ ବିହାର, ପୋଖରୀପୁଟ, ଭୀମଟାଙ୍ଗୀରୁ ଜଣେ ଲେଖାଏ ରହିଛନ୍ତି।

# ୨୪୫୧ ବେଡ୍ ବିଏମ୍‌ସିକୁ ନିଅଣ୍ଟ

- ଘରେ ଚିକିତ୍ସିତ ହେବେ ଲକ୍ଷଣ ନ ଥିବା ରୋଗୀ
- ନୂଆ ଗାଇଡ୍‌ଲାଇନ ଜାରି

ଭୁବନେଶ୍ୱର,୧୧।୭(ବ୍ୟୁରୋ)

ଭୁବନେଶ୍ୱରରେ କରୋନା ସଂକ୍ରମଣ ବୃଦ୍ଧି ପାଉଛି। ଏଭଳି ସ୍ଥିତିରେ ଘରେ ରହି କରୋନା ଆକ୍ରାନ୍ତ ଚିକିତ୍ସିତ ହେବେ ବୋଲି ବିଏମ୍‌ସି ନୂଆ ନିର୍ଦ୍ଦେଶନାମା ଜାରି କରିଛି। ଲକ୍ଷଣ ନ ଥିବା କିମ୍ବା ଅଳ୍ପ ଲକ୍ଷଣ ଥିବା କୋଭିଡ୍ ଆକ୍ରାନ୍ତ ଗୃହ ସଙ୍ଗରୋଧରେ ରହି ଚିକିତ୍ସିତ ହୋଇପାରିବେ। ଏଥିପାଇଁ ତାଙ୍କ ପରିବାର ବିଏମ୍‌ସି ସହ ଚୁକ୍ତିପତ୍ର କରିବେ। ଭୁବନେଶ୍ୱରରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହୁଥିବା ଫେରନ୍ତାମାନେ ବିଏମ୍‌ସି ଜାରି କରିଥିବା ଗାଇଡ୍‌ଲାଇନ୍ ନ ପାଳିବାରୁ ସଂକ୍ରମଣ ବଢୁଥିବା ବିଏମ୍‌ସି ତଥା ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ କହୁଛନ୍ତି। ଅନ୍ୟପକ୍ଷରେ ଘରେ ରହି କରୋନା ରୋଗୀ ଚିକିତ୍ସିତ ହେବା ପାଇଁ ବିଏମ୍‌ସି ଦେଇଥିବା ନିର୍ଦ୍ଦେଶ ସହରବାସୀଙ୍କୁ ବ୍ୟଥିତ ଓ ଭୟଭୀତ କରିଛି।

ବିଏମ୍‌ସିର ଜଣେ ଅଧିକାରୀଙ୍କ ତଥ୍ୟ ଅନୁଯାୟୀ, ବର୍ତ୍ତମାନ ବିଏମ୍‌ସି ଅଞ୍ଚଳରେ ୬୪୦ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କିନ୍ତୁ ଭୁବନେଶ୍ୱରରେ ୨ଟି କୋଭିଡ୍ ହସ୍ପିଟାଲରେ କରୋନା ରୋଗୀ ଚିକିତ୍ସିତ ହେବା ପାଇଁ ମୋଟ ୧୦୨୫ ବେଡ୍ ରହିଛି। ଏହାବ୍ୟତୀତ ରାଜ୍ୟ ସରକାର ଶନିବାର ହାଇଟେକ୍ ମେଡିକାଲରେ ଆଉ ୫୦୦ ବେଡ୍, ସମ୍ ହସ୍ପିଟାଲ ଓ ମେଡିକାଲ କଲେଜର ଦୁଇଟି ସ୍ଥାନରେ ୮୦୦ ବେଡ୍, ନୀଳାଞ୍ଚଳ ଡିସିଏଚ୍‌ରେ ୧୨୬ ବେଡ୍ ଓ ୧୫ଟି ଆଇସିୟୁ ବେଡ୍ ସ୍ଥାପନ ପାଇଁ ଘୋଷଣା କରିଛନ୍ତି। ନୀଳାଞ୍ଚଳରେ ପୂର୍ବରୁ ୭୦ଟି ଆଇସିୟୁ ବେଡ୍ ଥିବାବେଳେ ବର୍ତ୍ତମାନର ଘୋଷଣା ପରେ ଏହି ସଂଖ୍ୟା ୮୫କୁ ବୃଦ୍ଧି ପାଇବ। ଏତେ ବେଡ୍ ଥାଇ ମଧ୍ୟ ବିଏମ୍‌ସି କୋଭିଡ୍ ଆକ୍ରାନ୍ତଙ୍କୁ ଗୃହ ସଙ୍ଗରୋଧରେ ରହି ଚିକିତ୍ସିତ ହେବା ପାଇଁ ନିର୍ଦ୍ଦେଶନାମା ଦେବା ପଛରେ କି ରହସ୍ୟ ଅଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

### ନୂଆ ଏସ୍‌ଓପି କ'ଣ ?

ଲକ୍ଷଣ ନ ଥିବା କରୋନା ଆକ୍ରାନ୍ତଙ୍କ ଘରେ ସଙ୍ଗରୋଧ ବ୍ୟବସ୍ଥା ଥିଲେ ସେ ଘରେ ରହି ଚିକିତ୍ସିତ ହୋଇପାରିବେ। ବସ୍ତି ଅଞ୍ଚଳରେ ଏହା ଲାଗୁ ହେବନି। ୬୦ ବର୍ଷରୁ ଅଧିକ ବୟସ୍କ, ଏକାଧିକ ରୋଗ ଥିବା ଆକ୍ରାନ୍ତ, କର୍କଟ, ଏଚ୍ଆଇଭି ରୋଗୀ, ଅଙ୍ଗ ପ୍ରତ୍ୟାରୋପଣ କରିଥିବା ରୋଗୀଙ୍କ କ୍ଷେତ୍ରରେ ଏହା ଲାଗୁ ହେବନି। ଲକ୍ଷଣ ନ ଥାଇ କିମ୍ବା ଅଳ୍ପ ଲକ୍ଷଣ ଥିବା ଆକ୍ରାନ୍ତ ଡାକ୍ତରୀ ପ୍ରମାଣପତ୍ର ଓ ୨୪ ଘଣ୍ଟା ସେବା ଦେବା ଭଳି ଜଣେ ସେବା ପ୍ରଦାନକାରୀ ରଖିଥିଲେ, ବିଏମ୍‌ସି ଅଣ୍ଡରଟେକିଂ ନେଇ ଗୃହ ସଙ୍ଗରୋଧରେ ରହି ଚିକିତ୍ସିତ ହୋଇପାରିବେ। ଆକ୍ରାନ୍ତଙ୍କ ଅବସ୍ଥା ଗୁରୁତର ହେଲେ, ବିଏମ୍‌ସିକୁ ଜଣାଇ ତାଙ୍କୁ କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରାଯିବ।

# ସହାୟତା ପାଇଁ ପତ୍ର ଲେଖିଲା ପାଣିଆପଟ ନିଯୋଗ



- ତାଲିକାରୁ ଅଣସେବକଙ୍କ ନାଁ କାଟିବାକୁ ଅନୁରୋଧ
- ବଞ୍ଚିତ ୭ ସଦସ୍ୟଙ୍କୁ କରୋନା ସହାୟତା ରାଶି ଦିଆଯାଉ

ପୁରୀ ଅଫିସ,୧୧।୭

ମହାମାରୀ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିଛି। କୌଣସି ଶ୍ରଦ୍ଧାଳୁ ମନ୍ଦିର ଭିତରକୁ ଯାଉନାହାନ୍ତି। ତେଣୁ ସେବାୟତମାନେ ଆର୍ଥିକ ଦୃଷ୍ଟିରୁ ପ୍ରଭାବିତ ହୋଇଛନ୍ତି। ଏହାକୁ ନଜରରେ ରଖି ଶ୍ରୀମନ୍ଦିର ପ୍ରଶାସନ ସେବାୟତଙ୍କୁ ୫ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ରାଶି ପ୍ରଦାନ କରିଛି। ଇତିମଧ୍ୟରେ ଦୁଇଥର ପ୍ରଦାନ କରାଯାଇ ସାରିଲାଣି। ଏଥିପାଇଁ ବିଭିନ୍ନ ନିଯୋଗକୁ ମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତଙ୍କ ସମ୍ବନ୍ଧୀୟ ତଥ୍ୟ ମାଗିବା ବେଳେ ଏକ ବଡ଼ଧରଣର ଚଞ୍ଚକତା ପଦାକୁ ଆସିଛି। ତାଲିକାରେ ଅଣସେବକଙ୍କ ନାଁ ଥିବାବେଳେ ସେମାନେ ଚଞ୍ଚକତା ପୂର୍ବକ ଏହି ସହାୟତା ରାଶି ହାତଉଛନ୍ତି। ଫଳରେ କେତେକ ପ୍ରକୃତ ପାଳିଆ ସେବକ ଏଥିରୁ ବଞ୍ଚିତ ରହୁଛନ୍ତି। ପାଣିଆପଟ ନିଯୋଗରେ ଏମିତି ଚଞ୍ଚକତା ପଦାକୁ ଆସିଛି। ନିଯୋଗ ସେବକ ତାଲିକାରେ ୧୧ଜଣ ଅଣସେବକଙ୍କ ନାଁ ରହିଥିବାବେଳେ ୭ଜଣ ପାଳିଆ ସେବାୟତ ସହାୟତା ରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ତାଲିକାରୁ ଅଣସେବକଙ୍କ ନାଁ ବାଦ୍ ଦେବା ସହ ୭ ପାଳିଆ ସେବକଙ୍କୁ ସହାୟତା ରାଶି ପ୍ରଦାନ କରିବାକୁ ଚିଠିରେ ଅନୁରୋଧ କରାଯାଇଛି।

ଗତ ଏପ୍ରିଲ ୧୭ ତାରିଖରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପାଣିଆପଟ ନିଯୋଗକୁ ୩୫ଟି ପରିବାରର ମୁଖ୍ୟମାନଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବର ସହିତ ଆଇଏଫ୍ଏସ୍ କୋଡ୍ ଓ ପାସ୍‌ବୁକର ପ୍ରଥମ ପୃଷ୍ଠାର ଜେରକ୍ସ ନକଲ ପ୍ରଦାନ କରିବାକୁ କୁହାଯାଇଥିଲା। ମାତ୍ର ନିଯୋଗ ପକ୍ଷରୁ କୁହାଯାଇଥିଲା ଯେ, ସେମାନେ ୨୪ପରିବାର ହିଁ ସେବା କରନ୍ତି। ତେଣୁ ୨୪ ଜଣଙ୍କ ତଥ୍ୟ ପ୍ରଦାନ କରିଥିବାବେଳେ ୧୧ଜଣ କିଏ ସେମାନେ ଜାଣି ନାହାନ୍ତି। ଏମାନଙ୍କ ନାମ କିପରି ତାଲିକାଭୁକ୍ତ ହେଲା ତାହାର ତଦନ୍ତ କରିବାକୁ ଅନୁରୋଧ କରିଥିଲେ। ଏଥିସହ ସେମାନଙ୍କର ୨୪ ପାଳିଆ ସେବକଙ୍କ ମଧ୍ୟରୁ ୧୭ ଜଣ ୫ ହଜାର ଟଙ୍କା ଲେଖାଏ ପାଇଥିବାବେଳେ ଆଉ ୭ଜଣ ଏଥିରୁ ବଞ୍ଚିତ ହୋଇଛନ୍ତି। କେତେକ ଅଣସେବକଙ୍କୁ ପାଣିଆପଟ ସେବକ ରୂପେ ସହାୟତା ରାଶି ଦିଆଯାଇଥିବାରୁ ୭ ଜଣ ପାଇ ନାହାନ୍ତି। ସେମାନଙ୍କୁ ସହାୟତା ରାଶି ପ୍ରଦାନ ସହ ଅଣସେବକଙ୍କ ନାମ କିପରି ତାଲିକାଭୁକ୍ତ ହେଲା ତାହାର ତଦନ୍ତ କରି ସେମାନଙ୍କ ନାମ ପାଣିଆପଟ ନିଯୋଗ ସଦସ୍ୟ ତାଲିକାରୁ ବାଦ୍ ଦେବା ପାଇଁ ସମ୍ପାଦକ ଭୀମସେନ ଆପଟ ଜୁନ୍ ୧୨ରେ ମୁଖ୍ୟ ପ୍ରଶାସକଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ। ମାତ୍ର କୌଣସି ପଦକ୍ଷେପ ନିଆ ନ ଯିବାରୁ ନିଯୋଗ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ପୁନଶ୍ଚ ଶନିବାର ନିଯୋଗ ମୁଖ୍ୟ ପ୍ରଶାସକଙ୍କୁ ଅଣସେବକଙ୍କ ନାଁ ବାଦ୍ ଦେଇ ୭ ଜଣ ପାଳିଆ ସେବକଙ୍କୁ ସହାୟତା ରାଶି ପ୍ରଦାନ ପାଇଁ ପତ୍ର ଲେଖିଛି।

## ସ୍କାଉଟ ଭବନ ପକ୍ଷରୁ କରୋନା ସଚେତନତା

କଣାସ,(ସ୍ୱ.ପ୍ର.): ଓଡ଼ିଶା ରାଜ୍ୟ ସ୍କାଉଟ ଗାଇଡ୍ ମୁଖ୍ୟ କମିଶନର କାଳିପ୍ରସାଦ ମିଶ୍ରଙ୍କ ସହାୟତାକ୍ରମେ କଣାସ ବ୍ଲକ ସିରେଇ ଗ୍ରାମରେ ସ୍କାଉଟ ଭବନ ପକ୍ଷରୁ ଶନିବାର କରୋନା ସଚେତନତା କରାଯାଇଛି। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବିଶ୍ୱରଞ୍ଜନ ଜେନାଙ୍କ ନେତୃତ୍ୱରେ ସ୍କାଉଟ୍ ଛାତ୍ରୀଛାତ୍ରମାନେ ଡେଲାଙ୍ଗ ବ୍ଲକ ରାଉଁଆ ଗ୍ରାମ ଓ ଆଖପାଖ ବସ୍ତି ଅଞ୍ଚଳ ବୁଲି ବୁଲି ସାନିଟାଇଜ୍ କରିଥିଲେ। ମାସ୍କ ବଣ୍ଟନ ସହ କରୋନାକୁ ଡରନା ସ୍ଲୋଗାନ୍ ଦେଇ ଗ୍ରାମ ପରିକ୍ରମା ହୋଇଥିଲା। କାର୍ଯ୍ୟକ୍ରମରେ ଆଶା ଦିଦି ସତ୍ୟାଭାମା ରାଉତରାୟ ଓ ଗ୍ରାମର ଯୁବକମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### କଣାସରେ ପୁଣି ୯ ପଜିଟିଭ

କଣାସ ୧୧।୭(ସ୍ୱ.ପ୍ର): କଣାସ ବ୍ଲକରେ ଶନିବାର ପୁଣି ୯ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ୯ଜଣ ବିଭିନ୍ନ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିଲେ। ସେମାନଙ୍କୁ କୋଭିଡ୍ ହସ୍ପିଟାଲ ପଠାଯାଇଛି। ଏମାନେ କ୍ୱାରାଣ୍ଟାଇନରେ ରହିଥିଲେ ମଧ ପରିବାର ଲୋକ ଓ ସ୍ଥାନୀୟ ଲୋକଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିଛି। ଫଳରେ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ପ୍ରାୟ ସମସ୍ତ କଣାସ ଅଞ୍ଚଳରେ ଲୋକମାନେ ମାସ୍କ ନ ପିନ୍ଧିବା ଓ ସାମାଜିକ ଦୂରତ୍ୱ ମାନୁ ନାହାନ୍ତି। ଅଧିକାଂଶ ବ୍ୟାଙ୍କଗୁଡ଼ିକରେ ଭିଡ଼ ରହୁଥିବା ଜଣାପଡ଼ିବା ପରେ ଜିଲାପାଳ ଉକ୍ତ ସ୍ଥାନକୁ ସାନିଟାଇଜ କରିବା ସହ ଭିଡ କମାଇବା ପାଇଁ ବିଡିଓ ରବୀନ୍ଦ୍ର ପ୍ରଧାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ କଣାସରେ ଚିହ୍ନଟ ସଂଖ୍ୟା ୫୯ରେ ପହଞ୍ଚିଛି।

### ନିମାପଡ଼ାରେ ପୁଣି ଜଣେ ପଜିଟିଭ୍

ନିମାପଡ଼ା,୧୧।୭(ଡି.ଏନ୍.ଏ.): ନିମାପଡ଼ା ବ୍ଲକରେ ଶନିବାର ଜଣେ ୬୪ବର୍ଷୀୟ ବୃଦ୍ଧ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ବୃଦ୍ଧ ଜଣକ ଧଳେଶ୍ୱର ପଞ୍ଚାୟତର ହୋଇଥିବା ବିଡିଓ ମନୋଜ ବେହେରା ଓ ନିମାପଡ଼ା ମୁଖ୍ୟ ଚିକିତ୍ସାଧିକାରୀ ଡା.କ୍ଷମାନିଧି ସେଠୀ କହିଛନ୍ତି। ବୃଦ୍ଧ ଜଣକ ଅନ୍ୟ ରୋଗରେ ଆକ୍ରାନ୍ତ ଥିବାବେଳେ ଗତ ୫ତାରିଖରେ ନିମାପଡ଼ା ମେଡିକାଲ ଯାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ସେଠାରେ ତାଙ୍କ ସ୍ୱାବ ପରୀକ୍ଷା କରାଯାଇଥିବା ବେଳେ ଶନିବାର ରିପୋର୍ଟ ପଜିଟିଭ ଆସିଥିଲା। ଏହାପରେ ବୃଦ୍ଧଙ୍କୁ କୋଭିଡ୍ ହସ୍ପିଟାଲ ପଠାଯାଇଛି। ଏହାସହ ତାଙ୍କ ପରିବାର ୫ଜଣ ସଦସ୍ୟଙ୍କ ସ୍ୱାବ ସଂଗ୍ରହ କରାଯାଇ ଘରକୁ ସାନିଟାଇଜ କରାଯାଇଛି। ଏପରିକି ବୃଦ୍ଧ ଜଣକ ନିମାପଡ଼ା ମେଡିକାଲ ଯାଇଥିବାରୁ ତାହା ସାନିଟାଇଜ କରାଯିବା ସହ ୬ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ହୋମ କ୍ୱାରାଣ୍ଟାଇନରେ ରହିବା ପାଇଁ ମେଡିକାଲ ମୁଖ୍ୟ ଚିକିତ୍ସାଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ନିମାପଡ଼ାରେ ଏବେ ମୋଟ ପଜିଟିଭ ସଂଖ୍ୟା ୧୭ରେ ପହଞ୍ଚିଛି।

### ମନୋଜ ପଣ୍ଡାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

କଟକ ଅଫିସ,୧୧।୭: ଉତ୍କଳ ସାହିତ୍ୟ ସମାଜର ଆଜୀବନ ସଦସ୍ୟ, କଥାକାର ତଥା ଅନୁବାଦକ ମନୋଜ କୁମାର ପଣ୍ଡାଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଜଗତରେ ଏକ ଅପୂରଣୀୟ କ୍ଷତି। ପ୍ରବନ୍ଧ ରଚନା ଓ ଅନୁବାଦ କ୍ଷେତ୍ରରେ ଲେଖନୀ ଚାଳନା କରିଥିଲେ ହେଁ 'ହାଡ଼ବଗିଚା', 'ବର୍ଣ୍ଣବଗିଚା' ଓ 'ମାୟାବଗିଚା'ଭଳି ଗଳ୍ପ ପୁସ୍ତକ ରଚନା କରି ସେ ପାଠକଙ୍କ ନିକଟତର ହୋଇପାରିଥିଲେ। ତାଙ୍କ ବିୟୋଗରେ ଉତ୍କଳ ସାହିତ୍ୟ ସମାଜ ସଭାପତି ତରୁଣ କୁମାର ସାହୁ, ଉପ-ସଭାପତି ସଞ୍ଜିତ୍ କୁମାର ପଟ୍ଟନାୟକ, ସୁଶାନ୍ତ କୁମାର ନାୟକ, ସୁସ୍ମିତା ରଥ, ସାଧାରଣ ସମ୍ପାଦକ ମୀନାକ୍ଷୀ ଦେବୀ, ସଙ୍ଗଠନ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ, ସରୋଜିନୀ ମିଶ୍ର, ଶିବାଶିଷ କର ଓ ସମସ୍ତ କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

# କଟକ ଜିଲା: ହଜାରେ ଟପିଲା ଆକ୍ରାନ୍ତ ସଂଖ୍ୟା

**ସ୍ଥିତି ବିଗୁଡ଼ିଛି**
- ପୁଣି ୧୬ ଆକ୍ରାନ୍ତ ଚିହ୍ନଟ
- ଆକ୍ରାନ୍ତଙ୍କ ସଂଖ୍ୟା ୧୦୦୪
- ସୁସ୍ଥ ହେଲେଣି ୬୭୦

କଟକ ଅଫିସ,୧୧।୭

କଟକ ଜିଲାରେ କରୋନା ସଂକ୍ରମଣ ଅସମ୍ଭାଳ ସ୍ଥିତି ସୃଷ୍ଟି କରିବାରେ ଲାଗିଛି। ଶନିବାର ନୂଆ ୧୬ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ହଜାରେ ଟପିଛି। ଚିହ୍ନଟ ହୋଇଥିବା ନୂଆ ୧୬ ପଜିଟିଭଙ୍କ ମଧ୍ୟରୁ ଏସ୍‌ସିବିରୁ ୭, କଟକ ସହରରୁ ୮ ଓ ବେଣ୍ଟକାର ଅଞ୍ଚଳରୁ ଜଣେ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ସୂଚନା ଦେଇଛି।

କଟକ ସହରରେ ୮ ଆକ୍ରାନ୍ତଙ୍କ ମଧ୍ୟରୁ ବିଦ୍ୟାଧରପୁର ସଙ୍ଗରୋଧ କେନ୍ଦ୍ରରୁ ୫ ଜଣ ରହିଛନ୍ତି। ସମସ୍ତେ ବାହାର ରାଜ୍ୟରୁ ଫେରି ସଙ୍ଗରୋଧ କେନ୍ଦ୍ରରେ ଥିଲେ। ଅନ୍ୟ ତିନି ଜଣଙ୍କ ମଧ୍ୟରୁ ଦୁଇଜଣ ଆକ୍ରାନ୍ତ ସିଡିଏ ସେକ୍ଟର-୬ ଓ ଜଣେ ସେକ୍ଟର-୯ର ଆକ୍ରାନ୍ତ। ସେକ୍ଟର-୬ର ଆକ୍ରାନ୍ତଙ୍କର ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ସହ ଲିଙ୍କ ରହିଛି। ସେ କର୍କଟ କେନ୍ଦ୍ରର ଧର୍ମଶାଳାରେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ସେକ୍ଟର-୯ର ଚିହ୍ନଟ ପଜିଟିଭ ଜଣଙ୍କ ବାହାର ଜିଲାର ବୋଲି ଜଣାପଡ଼ିଛି। ସେ ସେକ୍ଟର-୯ ଅଞ୍ଚଳରେ ଭଡ଼ାଘରେ ରହୁଥିଲେ। ପୂର୍ବରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ସେ ଆସିଥିବା ଅନୁମାନ କରାଯାଉଛି। ସେହିପରି ବେଣ୍ଟକାର ଅଞ୍ଚଳରୁ ବାହାରିଥିବା ପଜିଟିଭ ଜଣଙ୍କ ସଙ୍ଗରୋଧ କେନ୍ଦ୍ରରୁ ବାହାରିଛନ୍ତି। ସେ ଆଇସୋଲେଶନରେ ଥିଲେ। ଅନ୍ୟ ଜଣେ ଆକ୍ରାନ୍ତଙ୍କ ବିଷୟରେ ଜିଲା ପ୍ରଶାସନ କିଛି ସୂଚନା ଦେଇନାହିଁ। ଏସ୍‌ସିବିରୁ ୭ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ନ୍ୟୁରୋ ସର୍ଜରୀ ବିଭାଗର ସେବିକା ଅଟନ୍ତି। ସେହିପରି ଆଇସୋଲେଶନ ୱାର୍ଡରୁ ଆଉ ୪ ଜଣ, କାଜୁଆଲିଟିରୁ ଜଣେ ଓ ଶଲ୍ୟ ବିଭାଗରୁ ଜଣେ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୧୦୦୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇସାରିଲେଣି। ୩୩୪ଟି ଆକ୍ଟିଭ କେସ ଥିବାବେଳେ ୬୭୦ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣଙ୍କର ଅନ୍ୟ ରୋଗରେ ମୃତ୍ୟୁ ହୋଇଛି। କଟକ ସହରରେ ବର୍ତ୍ତମାନ ସୁଦ୍ଧା ୨୪୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିରୁ ୩୨ ଜଣ ସୁସ୍ଥ ହୋଇଥିବା ବେଳେ ୨୧୩ଟି ଆକ୍ଟିଭ କେସ ରହିଛି। ୨ ଜଣଙ୍କ ମୃତ୍ୟୁ ହୋଇଛି।

## କ୍ୟାନ୍‌ସର ହସ୍ପିଟାଲ ପିଛା ଛାଡୁନି କରୋନା



- ଆଉ ୨ ପଜିଟିଭ୍ ଚିହ୍ନଟ
- ୧୫ ଦିନରେ ଆକ୍ରାନ୍ତ ସଂଖ୍ୟା ୧୨୦
- ୨ ଦିନରେ ୫୦ ଜଣଙ୍କ ଆଣ୍ଟିଜେନ୍ ଟେଷ୍ଟ

କଟକ ଅଫିସ,୧୧।୭

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନର ପିଛା ଛାଡୁନି କରୋନା ଭୂତାଣୁ। ଶନିବାର ପୁଣି ୨ଜଣଙ୍କ ରିପୋର୍ଟ ପଜିଟିଭ ଆସିଛି। ଏହି ୨ ଜଣଙ୍କ ମଧ୍ୟରୁ ଜଣେ ଠିକା ସଂସ୍ଥାର କର୍ମଚାରୀ ଓ ତାଙ୍କ ରିପୋର୍ଟ ଆଣ୍ଟିଜେନ ଟେଷ୍ଟରୁ ପଜିଟିଭ ଆସିଛି। ଶନିବାର ପରୀକ୍ଷାକୁ ମିଶାଇ ଦୁଇ ଦିନରେ ମୋଟ ୫୦ ଜଣଙ୍କ ଆଣ୍ଟିଜେନ ଟେଷ୍ଟ କରାଯାଇଛି। ଅନ୍ୟ ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପରେ ସ୍ୱାବ୍ ସଂଗ୍ରହ କରାଯାଇ ଗତ ୭ ତାରିଖ ଆରଟିପିସିଆରକୁ ପଠାଯାଇଥିଲା। ଶନିବାର ଉକ୍ତ ରୋଗୀଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ ଆସିଛି। ଏବେ ଏହି ରୋଗୀ ଜଣକ ପୁରୀ ଜିଲାର ନିଜ ଗାଁ ପାଖ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୮୧ ଶଯ୍ୟାବିଶିଷ୍ଟ ଏହି ହସ୍ପିଟାଲରୁ ଗତ ୧୫ ଦିନରେ ପ୍ରାୟ ୧୨୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇସାରିଲେଣି। ବିଶୋଧନ, ଆଣ୍ଟିଜେନ ଟେଷ୍ଟ ଓ ନୂଆ ରୋଗୀ ଆଡମିଶନ କରା ନ ଯିବା ସତ୍ତ୍ୱେ ଏଠାରେ କରୋନା ଆତଙ୍କ ଥମୁନାହିଁ। ଆଗଭଳି ଏଠାକୁ ଆଉଟଡୋର ରୋଗୀ ମଧ ଆସୁନାହାନ୍ତି। କର୍ତ୍ତୃପକ୍ଷ ଆଖିଦୃଶିଆ ଷ୍ଟ୍ରାଟେଜି ଗ୍ରହଣ କରି ନ ଥିବାରୁ ଏଭଳି ସ୍ଥିତି ବାରମ୍ବାର ଉପୁଜୁଛି ବୋଲି ଅନେକ କର୍ମଚାରୀ ଅଭିଯୋଗ କରିଛନ୍ତି।

# ସିଫାରେ ଭର୍ଚୁଆଲ ଜାତୀୟ ମତ୍ସ୍ୟଚାଷୀ ଦିବସ

ଭୁବନେଶ୍ୱର,୧୧।୭

କୋଭିଡ-୧୯ ଯୁଗ ସହ ତାଳଦେଇ କୌଶଲ୍ୟାଗଙ୍ଗସ୍ଥିତ କେନ୍ଦ୍ରୀୟ ମଧୁର ଜଳଜୀବ ପାଳନ ସଂସ୍ଥା(ସିଫା)ରେ ବିଂଶତମ ଜାତୀୟ ମତ୍ସ୍ୟ ଚାଷୀ ଦିବସ ତଥା ବୈଜ୍ଞାନିକ-କୃଷକ ଭାବ ବିନିମୟ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ପାଳିତ ହୋଇଯାଇଛି। ସିଫାର ନିର୍ଦ୍ଦେଶକ ସରୋଜ କୁମାର ସ୍ୱାଇଁ ଜାତୀୟ ମତ୍ସ୍ୟ ଚାଷୀ ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରି ମଧୁର ଜଳ କୃଷି ପାଇଁ ସିଫାର ଅବଦାନ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ମୁଖ୍ୟ ଅତିଥିଭାବେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଉପମହାନିର୍ଦ୍ଦେଶକ ଜେ. କେ. ଜେନା ଏହି ଭର୍ଚୁଆଲ ଇଭେଣ୍ଟରେ ଯୋଗଦେଇ ମତ୍ସ୍ୟ ଗବେଷଣା ଅନୁଷ୍ଠାନଗୁଡ଼ିକ କୋଭିଡ-୧୯ ପରି ପ୍ରତିକୂଳ ପରିସ୍ଥିତିରେ ମତ୍ସ୍ୟଚାଷୀମାନଙ୍କୁ ବୈଷୟିକ ଜ୍ଞାନକୌଶଳ ଯୋଗାଇ ଦେଉଛନ୍ତି ବୋଲି ପ୍ରକାଶ କରିଥିଲେ। ବିଶ୍ୱ ମହାମାରୀଭଳି ପରିସ୍ଥିତିରେ କିପରି କୃଷକଙ୍କ ସମସ୍ୟାର ସମାଧାନ କରାଯାଇପାରିବ ସେ ସମ୍ପର୍କରେ ଗବେଷକମାନେ ନୂତନ ରଣକୌଶଳ ଆପଣେଇବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ଜେନା କୃଷକମାନଙ୍କ ସହାୟତା ନିମନ୍ତେ ନୂତନ ହେଲ୍ପଲାଇନ୍ ହ୍ୱାଟ୍ସଅପ୍ (ନଂ.୭୭୯୦୦୦୭୭୯୭) ଓ ଇ-ମେଲ୍(ask.cifa@icar.gov.in) ଉନ୍ମୋଚନ କରି କୃଷକଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ସିଫାର ପୂର୍ବତନ ନିର୍ଦ୍ଦେଶକ ତଥା ଏସ୍. ଡି. ତ୍ରିପାଠୀ ସମ୍ପ୍ରତି ମତ୍ସ୍ୟ ଓ ଜଳକୃଷିରେ ସଂକ୍ରମିତ ଜୀବମାନଙ୍କ ପ୍ରତି ଥିବା ବିପଦ ଉପରେ ଗୁରୁତ୍ୱାରୋପ କରିଥିଲେ। ୧୦ ଜଣ ଅଗ୍ରଣୀ ମତ୍ସ୍ୟଚାଷୀ ବିଷାରଦ ସଦସ୍ୟ ଓ ସଂସ୍ଥାନର ପ୍ରବୀଣ ବୈଜ୍ଞାନିକମାନେ ଉକ୍ତ ଭର୍ଚୁଆଲ ବୈଠକରେ ଯୋଗ ଦେଇ କୃଷକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## ଘରୋଇ ସ୍କୁଲ କର୍ତ୍ତୃପକ୍ଷଙ୍କୁ ୫ଲକ୍ଷ ମାଗି ଧମକ ଦେଲେ ନକଲି ସାମ୍ବାଦିକ

ଭୁବନେଶ୍ୱର,୧୧।୭ (ବ୍ୟୁରୋ)

ଇନ୍‌ଫୋସିଟି ଥାନା ଅଞ୍ଚଳରେ ଦୁଇଜଣ ବ୍ୟକ୍ତି ନିଜକୁ ସାମ୍ବାଦିକ କହି ଏକ ପ୍ରତିଷ୍ଠିତ ଘରୋଇ ସ୍କୁଲକୁ ୫ ଲକ୍ଷ ଟଙ୍କା ମାଗୁଥିଲେ। ଟଙ୍କା ନ ଦେଲେ ସ୍କୁଲକୁ ବରବାଦ କରି ଦେବାକୁ ଧମକ ଦେଉଥିଲେ। ଏନେଇ ସ୍କୁଲର ଜେନେରାଲ ମ୍ୟାନେଜର ଅରବିନ୍ଦ ଦାଶ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ-୮୯/୨୦) ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଜଣେ ବ୍ୟକ୍ତି ଏକ ନ୍ୟୁଜ୍ ପୋର୍ଟାଲର ଏଡିଟର ଓ ଅନ୍ୟଜଣେ ଆଉଏକ ନ୍ୟୁଜ୍ ପୋର୍ଟାଲର ନ୍ୟୁଜ୍ ଏଡିଟର ପରିଚୟ ଦେଇଥିଲେ। ଦୁଇଦିନ ତଳେ ସେମାନେ ସ୍କୁଲ୍ ଜେନେରାଲ ମ୍ୟାନେଜରଙ୍କୁ ଗୋପବନ୍ଧୁ ଛକକୁ ଡାକି ଧମକାଇଥିଲେ। ତୁମ ସ୍କୁଲ ନାମରେ ଏକାଧିକ ଅଭିଯୋଗ ଆସିଛି। ଆମେ ଏହାକୁ ନ୍ୟୁଜ କରିବାକୁ ଯାଉଛୁ କହି ୫ ଲକ୍ଷ ଟଙ୍କା ଦାବି କରିଥିଲେ। ଏହାକୁ ଜିଏମ୍ ବିରୋଧ କରିବାରୁ ସେମାନେ ନାନା ଧମକ ଦେଇଥିଲେ ବୋଲି ଅରବିନ୍ଦ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।



ସପ୍ତାହାନ୍ତ ଶଟ୍‌ଡାଉନ ଯୋଗୁ ଶନିବାର କଟକସ୍ଥିତ ବ୍ୟସ୍ତବହୁଳ ଲିଙ୍କରୋଡ୍ ରାସ୍ତା ଜନଶୂନ୍ୟ ହୋଇପଡ଼ିଛି।

## ବାହାରିନ୍‌ରୁ ଆସିଲା ଦ୍ୱିତୀୟ ବିମାନ

ଭୁବନେଶ୍ୱର, ୧୧।୭(ବ୍ୟୁରୋ)

ବନ୍ଦେ ଭାରତ ମିଶନରେ ବାହାରିନ୍‌ରୁ ପ୍ରବାସୀ ଓଡ଼ିଆଙ୍କୁ ଧରି ଭୁବନେଶ୍ୱର ଆସିଛି ଆଉଏକ ବିମାନ। ଏୟାର ଇଣ୍ଡିଆର ଏଆଇ୯୪୦ ବିମାନଟି ବାହାରିନ୍‌ରୁ ଅପରାହ୍ନ ପ୍ରାୟ ୩ଟାବେଳେ ଉଡ଼ାଣ ଭରିଥିଲା। ସେଥିରେ ମୋଟ ୧୫୧ ଯାତ୍ରୀ ରହିଥିବାବେଳେ ୭୧ରୁ ଊର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ଥିଲେ। ବିମାନଟି ପ୍ରଥମେ ଦିଲ୍ଲୀରେ ପହଞ୍ଚିବା ପରେ କେତେଜଣ ଯାତ୍ରୀ ଓହ୍ଲାଇଥିଲେ। ଏହାପରେ ଅନ୍ୟଯାତ୍ରୀଙ୍କୁ ଧରି ଭୁବନେଶ୍ୱର ଅଭିମୁଖେ ବାହାରିଥିଲା ବିମାନ। ସୂଚନାଯୋଗ୍ୟ, ଜୁନ୍ ୨୦ରେ ପ୍ରଥମେ ଏୟାର ଇଣ୍ଡିଆର ଏକ ସ୍ୱତନ୍ତ୍ର ବିମାନ ୧୪୨ଜଣ ଓଡ଼ିଆଙ୍କୁ ନେଇ ଆସିଥିଲା। ରହିଯାଇଥିବା ଆଉ କେତେଜଣ ଓଡ଼ିଆଙ୍କୁ ଫେରାଇ ଆଣିବାରେ ବାହାରିନ୍ ଓଡ଼ିଆ ସମାଜ ପକ୍ଷରୁ ଏହି ବ୍ୟବସ୍ଥା କରାଯାଇଥିଲା।

## ଏସ୍‌ଟିଏଫ୍ ଚଢ଼ାଉ: ଜଙ୍ଗଲରୁ ଗଞ୍ଜେଇ ଜବତ, ଜଣେ ଗିରଫ

ଭୁବନେଶ୍ୱର,୧୧।୭ (ବ୍ୟୁରୋ)

କୋରପୁଟ ଜିଲା ଜୟପୁର କୁମ୍ଭାରପଡା ରାସ୍ତା କଡ ଜଙ୍ଗଲରେ ଗଞ୍ଜେଇ ଚୋରା କାରବାର ଚାଲିଥିଲା। ଚାଲାଣ ପୂର୍ବରୁ କ୍ରାଇମବ୍ରାଞ୍ଚ ଏସଟିଏଫ୍ ଚଢ଼ାଉ କରି ସେଠାରୁ ୮୫ କେଜି ଗଞ୍ଜେଇ ଜବତ କରିବା ସହ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଜୟପୁର ଟାଉନ ଥାନା କୁମ୍ଭାରସାହି ଅଞ୍ଚଳର ଶେଖ୍ ସଲିମ। ସୂଚନା ମୁତାବକ, କୁମ୍ଭାରପଡା ରୋଡ ବିଲ୍ଟ ପେପର ମିଲ୍ ନିକଟ ଜଙ୍ଗଲରେ ଗଞ୍ଜେଇ ଚୋରା ଚାଲାଣ କରାଯାଉଥିବା ନେଇ ଏସ୍‌ଟିଏଫ ନିକଟରେ ଶନିବାର ସକାଳେ ଖବର ପହଞ୍ଚିଥିଲା। ଏସ୍‌ଟିଏଫ ଟିମ ସେଠାରୁ ଚଢ଼ାଉ କରିବା ପରେ ଏହି ର୍‍ୟାକେଟର ଧରାପଡିଥିଲା। ତେବେ ଗିରଫ ଶେଖ୍ ସଲିମ୍‌ଙ୍କୁ ପଚରାଉଚରା ପରେ ଡିଲ୍ ପାଇଁ ସେ ଅନ୍ୟ ବେପାରିଙ୍କୁ ଅପେକ୍ଷା କରିଥିଲେ ବୋଲି ଜଣାପଡିଛି। ଏ ନେଇ ଜୟପୁର ସଦର ଥାନାରେ ମାମଲା (ନଂ. ୧୨୪/୨୦) ରୁଜୁ କରାଯିବା ସହ ଚୋରା ଚାଲାଣରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ନେଇ ପୋଲିସ ତଦନ୍ତ ଜାରି ରହିଛି।

## ୧୮ ନମୁନା ନେଗେଟିଭ

ଚୌଦ୍ୱାର,୧୧।୭(ଡି.ଏନ୍.ଏ.)

ଚୌଦ୍ୱାର କଲେଜ ମହିଳା ହଷ୍ଟେଲରେ ହୋଇଥିବା ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରୁ ୧୮ଜଣଙ୍କ ନମୁନା ପରୀକ୍ଷା ଲାଗି ପଠାଯାଇଥିଲା। ସମସ୍ତଙ୍କ ରିପୋର୍ଟ ନେଗେଟିଭ୍ ଆସିଥିବା ଶନିବାର ପୌର ନିର୍ବାହୀ ଅଧିକାରୀ ପବିତ୍ର ବେହେରା କହିଛନ୍ତି। ସୂଚନାଥାଉ କି, ଉକ୍ତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ହୋମ୍ କ୍ୱାରାଣ୍ଟାଇନରେ ଥିବା ୫ଜଣଙ୍କ ନମୁନା ପଜିଟିଭ୍ ଆସିଥିଲା। ଆକ୍ରାନ୍ତଙ୍କ ଚିକିତ୍ସା ଲାଗି କୋଭିଡ୍ ହସ୍ପିଟାଲକୁ ପଠାଯାଇଥିଲା।

## ଜାଭିୟର ସ୍କୁଲର ଶତପ୍ରତିଶତ ସଫଳତା



**ଆଇସିଏସ୍‌ଇ ପରୀକ୍ଷା ଫଳ**

କଟକ ଅଫିସ,୧୧।୭

କାଉନସିଲ୍ ଫର୍ ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଏକ୍‌ଜାମିନେଶସନ୍ସ (ସିଆଇଏସ୍‌ସିଇ) ପକ୍ଷରୁ ଆଇସିଏସ୍‌ଇ ଦଶମ ଓ ଆଇଏସ୍‌ସି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ କଟକ ବାରବାଟି ଷ୍ଟାଡିୟମ୍ ନିକଟ ସେଣ୍ଟ ଜାଭିୟର୍ ହାଇସ୍କୁଲ, ସେକେଣ୍ଡାରୀ ସ୍କୁଲକୁ ଶତ ପ୍ରତିଶତ ସଫଳତା ମିଳିଛି। ଦଶମ ଶ୍ରେଣୀରେ ୧୨୫ ଜଣ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୬ ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ବେଳେ ପ୍ରାୟ ଶହେରୁ ଅଧିକ ଛାତ୍ରୀଛାତ୍ର ୬୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ୯୬ ପ୍ରତିଶତ ମାର୍କ ସହ ଜୟଦିପ ବେଉରା ସ୍କୁଲରେ ଟପ୍ କରିଛନ୍ତି। ସେହିଭଳି ଜୟଶ୍ରୀ ଜେନା ୯୫ ପ୍ରତିଶତ ମାର୍କ ରଖି ସ୍କୁଲରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିଭଳି ଆଇଏସ୍‌ସିରେ ୩୮ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୪ ଜଣ ୬୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ରିତା ଦିକ୍ଷିତ ୮୪.୭୫ ପ୍ରତିଶତ ମାର୍କ ସହ ସ୍କୁଲରେ ଟପ୍ କରିଥିବା ବେଳେ ଅଙ୍କିତେଶ ପଣ୍ଡା ୮୨.୬ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସ୍କୁଲରେ ଖୁବ୍ ଶୀଘ୍ର ସିବିଏସ୍‌ଇ ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ସ୍କୁଲର ଦୀର୍ଘ ୨୧ ବର୍ଷର ଗୌରବପୂର୍ଣ୍ଣ ଇତିହାସ ରହିଛି। ଗୁଣାତ୍ମକ ଶିକ୍ଷା ପାଇଁ ଆମେ ସଂକଳ୍ପବଦ୍ଧ ବୋଲି ନିର୍ଦ୍ଦେଶକ ଡ. ପ୍ରଭୁ ଚରଣ ମହାନ୍ତି ପ୍ରକାଶ କରିଛନ୍ତି।

## ୨ୱାର୍ଡ ୭୨ଘଣ୍ଟା କଣ୍ଟେନ୍‌ମେଣ୍ଟ ଜୋନ୍

ଖୋର୍ଦ୍ଧା ଅଫିସ,୧୧।୭

ଖୋର୍ଦ୍ଧା ପୌରାଞ୍ଚଳରେ ଦୁଇ ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ୱାର୍ଡ ନଂ. ୩ ଓ ୧୫କୁ ଜିଲାପାଳ ଶୀତାଂଶୁ କୁମାର ରାଉତ ୭୨ଘଣ୍ଟା ଲାଗି କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରିଛନ୍ତି। ଶନିବାର ସନ୍ଧ୍ୟା ୭ଟାରୁ ୧୪ତାରିଖ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଅଗ୍ନିଶମ ବିଭାଗ ପକ୍ଷରୁ ଉକ୍ତ ଅଞ୍ଚଳକୁ ସାନିଟାଇଜ୍ କରାଯାଇଛି। ଉକ୍ତ ଅଞ୍ଚଳରେ ଥିବା ସମସ୍ତ ଦୋକାନ ବଜାର ବନ୍ଦ ରହିବ। ସ୍ୱାସ୍ଥ୍ୟବିଭାଗ ଟିମ୍ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିବେ ବୋଲି ଜିଲାପାଳ ରାଉତ କହିଛନ୍ତି। ସୂଚନାଥାଉ କି, ଖୋର୍ଦ୍ଧା ପୌରାଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୫ରେ ପହଞ୍ଚିଛି।

# କରୋନା ବେଳେ ଅନ୍‌ଲାଇନ ଶିକ୍ଷା

**ସୋସିଆଲ ମିଡିଆ ସାଜିଛି ମାଧ୍ୟମ**

ଖୋର୍ଦ୍ଧା ଅଫିସ,୧୧।୭

କରୋନା ଯୋଗୁ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ବନ୍ଦ ରହିବା ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ଏଭଳି ସ୍ଥିତିରେ ଏକମାତ୍ର ବିକଳ୍ପ ପାଲଟିଛି ଅନ୍‌ଲାଇନ ଶିକ୍ଷାଦାନ। ଏହାର ସଦ୍ୟ ଉଦାହରଣ ଦେଖିବାକୁ ମିଳିଛି ଖୋର୍ଦ୍ଧା ସହରର ସିଗମା ଇଂଲିଶ ପବ୍ଲିକ୍ ସ୍କୁଲ। ଏହି ଶିକ୍ଷାନୁଷ୍ଠାନ ପକ୍ଷରୁ ସୋସିଆଲ ମିଡିଆରେ ପ୍ରାୟ ତିନି ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଦିଆଯାଉଛି। ଏଲକେଜି ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ହ୍ୱାଟସଆପ ଗ୍ରୁପରେ ପାଠପଢା ଚାଲିଥିବା ବେଳେ ୬ଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଠପଢା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତାଞ୍ଜଳି ପଟ୍ଟନାୟକ କହିଛନ୍ତି।

ସିବିଏସଇ ଗାଇଡ୍‌ଲାଇନ ଅନୁଯାୟୀ ପାଠ ପଢାଯାଉଛି। ଫେସବୁକ ମାଧ୍ୟମରେ ସିଧାସଳଖ ଭାବେ ପିଲାଙ୍କ ବିଷୟ ଗଣିତ, ବିଜ୍ଞାନ, ଫିଜିକ୍ସ, କେମେଷ୍ଟ୍ରି, ଇଂଲିଶ ଆଦି ପାଠପଢା ହେଉଛି। ଶିକ୍ଷୟିତ୍ରୀ,ଶିକ୍ଷକମାନେ ପ୍ରଥମେ ଟାସ୍କ ପ୍ରସ୍ତୁତ କରୁଛନ୍ତି। ସେହି ଅନୁଯାୟୀ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ହ୍ୱାଟସଆପରେ ରଖୁଛନ୍ତି। ଏଥିସହିତ ଅନଲାଇନରେ ପିଲାଙ୍କ ପରୀକ୍ଷା ମଧ ଆୟୋଜନ କରାଯାଉଛି। ପିଲାଙ୍କ ନାମଲେଖା ମଧ ଜାରି ରହିଛି। ଏହାକୁ କିପରି ଅଧିକ କ୍ରିୟାଶୀଳ କରାଯିବ ସେନେଇ ପରବର୍ତ୍ତୀ ସମୟରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ଆଲୋଚନା କରାଯାଉଛି। ପିଲାଙ୍କ ପାଠପଢାରେ ଯେପରି କୌଣସି ବାଧାସୃଷ୍ଟି ନ ହେବ ସେଥିପ୍ରତି ଦୃଷ୍ଟି ଦିଆଯାଉଛି। ପ୍ରତ୍ୟେକ ଦିନ ଅନଲାଇନ ପାଠପଢା, ପିଲାଙ୍କ ଉପସ୍ଥିତି, ପ୍ରଶ୍ନୋତ୍ତର କାର୍ଯ୍ୟରେ ଛାତ୍ରୀଛାତ୍ରୀଙ୍କ ଅଂଶଗ୍ରହଣ ସମ୍ପର୍କରେ ଶିକ୍ଷକଙ୍କ ସହ ଆଲୋଚନା କରାଯାଉଛି। ଏଥିସହିତ ଅଭିଭାବକଙ୍କ ଠାରୁ ଫିଡବ୍ୟାକ ନିଆଯାଉଛ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ପଟ୍ଟନାୟକ କହିଛନ୍ତି।



# ଲକ୍‌ଡାଉନ୍‌ରେ ବିଲରେ କାମ କରୁଥିଲେ ନୃତ୍ୟଶିଳ୍ପୀ

**ସବ୍ୟସାଚୀଙ୍କ ପାଇଁ ଓଡ଼ିଶା ଫେରିଲେ ୪ ନୃତ୍ୟଶିଳ୍ପୀ**

ଭୁବନେଶ୍ୱର,୧୧।୭(ବ୍ୟୁରୋ)

କରୋନା ପାଇଁ ଆଜି ସବୁକିଛି ବଦଳିଯାଇଛି। ଲକ୍‌ଡାଉନ୍ ଯୋଗୁ ସୃଷ୍ଟି ହୋଇଥିବା ପରିସ୍ଥିତି ଅନ୍ୟ ବୃତ୍ତି ଆପଣାଇବାକୁ ବାଧ୍ୟ କରିଛି। ଉତ୍ତରପ୍ରଦେଶ ଯାଇ ଫସି ରହିଥିବା ୪ଜଣ ନୃତ୍ୟଶିଳ୍ପୀ ମଧ ବିଲରେ ଶ୍ରମିକ ଭାବେ କାର୍ଯ୍ୟ କରି ପେଟ ପୋଷିଛନ୍ତି। ଶେଷରେ ଅଭିନେତା ସବ୍ୟସାଚୀ ମିଶ୍ରଙ୍କ ସହଯୋଗରେ ସେମାନେ ଓଡ଼ିଶା ଫେରିବା ପରେ ଘଟଣା ପଦାକୁ ଆସିଛି।

ସୂଚନାନୁସାରେ, କଟକ ଜିଲାର ନୃତ୍ୟଶିଳ୍ପୀ ସୁନୀତା ସାହୁ ଉତ୍ତରପ୍ରଦେଶରେ ପ୍ରାୟ ୪୫ଟି କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ ପାଇଁ କଣ୍ଟ୍ରାକ୍ଟ ପାଇଥିଲେ। ଅନୁଗୋଳ ଜିଲାର ୩ଜଣ ସାଥୀଙ୍କ ସହ ମିଶି ସେ ଲକ୍‌ଡାଉନ୍ ପୂର୍ବରୁ ଉତ୍ତରପ୍ରଦେଶର ସୋନୁ ଘାଟ ଯାଇଥିଲେ। ଯିବାର ମାତ୍ର କିଛିଦିନ ମଧ୍ୟରେ କରୋନା ପରିସ୍ଥିତି ଲାଗି ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା କରାଯାଇଥିଲା। ଫଳରେ ସେମାନେ ଆଉ ଘରକୁ ଫେରି ପାରି ନ ଥିଲେ। ଗୋଟିଏପଟେ ସମସ୍ତ କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଥିଲା, ଅନ୍ୟପଟେ ଯେଉଁ ଦୁଇ ତିନୋଟି କାର୍ଯ୍ୟକ୍ରମ କରିଥିଲେ ତାହାର ପେମେଣ୍ଟ ମଧ ମିଳିଲାନି। ପାଖରେ ଯାହା ଟଙ୍କା ଥିଲା କିଛିଦିନରେ ସରିଗଲା। ବହୁ କଷ୍ଟରେ କିଛିଦିନ ସଂଘର୍ଷ କରିବା ପରେ ଟ୍ରେନ୍, ବସ୍ ଚଳାଚଳ ଆରମ୍ଭ କଲା। ହେଲେ ଟିକେଟ୍ କି ଷ୍ଟେଶନ ପର୍ଯ୍ୟନ୍ତ ଗାଡ଼ିଭଡ଼ା କରି ଆସିବାକୁ ଟଙ୍କା ନ ଥିଲା। ସବୁ ସ୍ୱପ୍ନ ଭାଙ୍ଗିଯାଇଥିଲା। ହେଲେ ସ୍ୱାଭିମାନ ଓ ସମ୍ମାନର ସହ ବଞ୍ଚିବାକୁ ୪ଜଣ ମିଶି ସୋନୁଘାଟର ଏକ ବିଲରେ କାମ କଲେ। ନୃତ୍ୟଶିଳ୍ପୀ ହୋଇଥିଲେ ମଧ ଚାଷଜମିରେ ଶ୍ରମିକଭାବେ କାମ କରିବାକୁ କେହି ପଛଘୁଞ୍ଚା ଦେଇ ନ ଥିଲେ। କୌଣସି ପେସା ଛୋଟ ନୁହେଁ କି ବଡ଼ ନୁହେଁ, ଏହାକୁ ସେମାନେ ପ୍ରମାଣିତ କରିଥିଲେ। ତେବେ କାମ ଜାଣି ନ ଥିବାରୁ ସେମାନଙ୍କୁ ମାଲିକ ଅଧା ମଜୁରି ଦେଇଥିଲେ। ସେତିକିରେ ଖାଇପିଇ ରହିବା ଓ ଘରକୁ ଫେରିବା ସମ୍ଭବ ନ ଥିଲା। ଏନେଇ ତାଙ୍କର ଜଣେ ଚିହ୍ନା ଲୋକ ସୋସିଆଲ ମିଡ଼ିଆରେ ଏହାକୁ ପୋଷ୍ଟ କରିବା ପରେ ଫସି ରହୁଥିବା ପ୍ରବାସୀ ଓଡ଼ିଆଙ୍କୁ ସହଯୋଗର ହାତ ବଢ଼ାଉଥିବା ଅଭିନେତା ସବ୍ୟସାଚୀ ସେମାନଙ୍କୁ ଉଦ୍ଧାର ପାଇଁ ଅଣ୍ଟା ଭିଡ଼ିଥିଲେ। ଭିଡ଼ିଓ କଲ୍ ଯୋଗେ ସୁନୀତାଙ୍କ ସହ କଥା ହେବାପରେ ମୋଗଲସରାଇ ରେଳ ଷ୍ଟେଶନ ପର୍ଯ୍ୟନ୍ତ ପ୍ରାୟ ୨୮୦ କିମି ସେମାନେ ଆସିବା ଲାଗି ଏକ କାର୍ ଭଡ଼ା କରିଥିଲେ। ସେଠାରୁ ଟ୍ରେନ୍‌ରେ ଟିକେଟ୍ କରାଇ ୪ଜଣଙ୍କୁ ଓଡ଼ିଶା ଫେରାଇ ଆଣିଥିଲେ। ଶୁକ୍ରବାର ସେମାନେ ଓଡ଼ିଶାରେ ପହଞ୍ଚିଥିବାବେଳେ ଏହି ସାହାଯ୍ୟ ପାଇଁ ସବ୍ୟସାଚୀଙ୍କୁ କୃତଜ୍ଞତା ଜଣାଇଛନ୍ତି।



